ଶନିବାର, ୨୫ ମେ, ୨୦୨୪

# ପିଲାଙ୍କ ଧରିତ୍ରୀ



# ବିଶ୍ୱାସଘାତକ ଶଙ୍ଖଚିଲ



ଗପ

ଉଦୁଉଦିଆ ଦ୍ୱିପ୍ରହର। ପ୍ରବଳ ଟାଣ ଖରା। ଗଛ ପତ୍ରଟିଏ ସୁଦ୍ଧା ହଲୁନି। ବାଲି ମାଟି ତହତହ ହୋଇ ତାତିଛି, ସତେ ଯେମିତି ଧାନ ପଡ଼ିଲେ ଖଇ ଫୁଟିଯିବ। ଏତିକିବେଳେ ଶଙ୍ଖଚିଲଟିଏ କାହିଁ କେଉଁଆଡୁ ପାଣି ଖୋଜି ଖୋଜି ନିରାଶ ହୋଇ ଆସି ଗୋଟିଏ ଗଛ ଡାଳରେ ଆଶ୍ରୟ ନେଇଥାଏ। ତାର ଥଣ୍ଟ, ପାଟି ଶୁଖିଯାଉଥାଏ। ଖାଲି ଥଣ୍ଟ ମେଲାକରି ଧଇଁସଇଁ ହେଉଥାଏ।

ମୂଷାଟାଏ ସେହି ଗଛରେ ରହୁଥାଏ। ଶଙ୍ଖଚିଲର ଜଳବିନା ଶେଷ ସମୟ ଉପସ୍ଥିତ ଜାଣି ସେ ତାକୁ କହିଲା, 'ଭାଇ, ଶଙ୍ଖଚିଲ ! ଆ..ଆ..ଏଇ କୋରଡ଼ରେ ମୁନ୍ଦାଏ ପାଣି ଅଛି ପିଇଦେ।' ମରଣ ମୁହଁରେ ଅମୃତ ସିଞ୍ଚିଲେ ଯେପରି ନୂଆ ଜୀବନ ମିଳେ, ଠିକ୍ ସେଇଭଳି ଶଙ୍ଖଚିଲ ମୂଷା କଥାରେ କୋରଡ଼ରୁ ଚୁଁ ଚୁଁ କରି ପେଟେ ପାଣି ପିଇଗଲା। ଦଣ୍ଡେ ବିଶ୍ରାମ ନେଇ ଟିକେ ଚାଙ୍ଗା ହୋଇ ମୂଷାକୁ କହିଲା, 'ଆରେ ମୂଷାଭାଇ ତୋର ଏଇ ଗଛରେ ଏପରି ଗୁପ୍ତରେ ପାଣି ରହିଛି ବୋଲି କିଏ ଜାଣିବ !' ମୂଷା କହିଲା, 'ଚିଲଭାଇ ଚୁପ୍ ଚୁପ୍ କହ। ମୁଁ ଏକଥା କାହାକୁ କହିନି। ଆମେ ମୂଷାଜାତି, ଗାତ, କୋରଡ଼, ଗୁମ୍ଫା ଇତ୍ୟାଦି କଥା ଜାଣୁ। ଏ କୋରଡ଼ରେ ସେମିତି ବେଶି ପାଣି ନାହିଁ। ଯାହା ଅଛି ଆମେ ଏଠି କେତୋଟି ମୂଷା ବଞ୍ଚିଯାଇ ପାରିବୁ। ତୁ ଏମିତି ପାଟିକରି କହୁଛୁ ଯେ କେହି ଜୀବ ଜାଣିଗଲେ ଏକାଥରେ ସାରିଦେବେ। ଖାଲି ତୋ ଜୀବନ ସଙ୍କଟାପନ୍ନ ଦେଖି ମୁଁ ପାଣି ପିଆଇଲି।

ନାଁ ଟି ସିନା ଶଙ୍ଖଚିଲ ହେଲେ ତା'ର ପ୍ରକୃତି ଖରାପ। ଅତି ପାଖରେ ଥୁଲୁଥୁଲୁ ମୂଷାଟାକୁ ଦେଖି ତା' ପାଟିରୁ ଲାଳ ବହିଲା। ସେଇ ମୂଷା ଯେ ଟିକେ ପୂର୍ବରୁ ତା' ପାଟିରେ ଜଳ ଦେଇ ତା' ଜୀବନ ରକ୍ଷା କରିଛି, ସେକଥା ମଧ୍ୟ ଭୁଲିଗଲା। ଶଙ୍ଖଚିଲ ଝପ୍ କିନା ନିଜ ପଞ୍ଝାରେ ଧରିଲା ମୂଷାକୁ। ମୂଷା ଚିଁ ଚିଁ ଚିତ୍କାର କରି ଉଠିଲା। ଚିଲ କହିଲା, ଚିତ୍କାର କଲେ କ'ଣ ହେବ ? ମୋତେ ଶୋଷ ଲାଗୁଥିଲା ପାଣି ପିଆଇଲୁ। ଏବେ ଭୋକ କରୁଛି ତୋ କଅଁଳିଆ ମାଂସଟା ଖାଇବି।

ଏହି ସମୟରେ ମୂଷାର ପୁଅ ଝିଅ ଦୁଇଜଣ ଚିତ୍କାର ଶୁଣି ଦୌଡ଼ି ଆସିଲେ, ବାପାଙ୍କର ଏପରି ଅବସ୍ଥା ଦେଖି ଡରି ନ ଯାଇ ଏକ ଉପାୟ ସ୍ଥିର କଲେ। ସେହି ଗଛର କୋରଡ଼ରେ ପଶିଯାଇ କହିଲେ, " ବାପା, ତୁମ ବେଳ ତ ସରିଛି ତୁମେ ଚିଲ ପାଟିରେ ମରିବ। ହେଲେ ତୁମେ ଏତିକି ଜାଣିଥାଅ। ଆମେ ଆସିବା ପୂର୍ବରୁ ତୁମେ ଏଇ ଗଛ କୋରଡ଼ରେ ଥିବା ପାଣିକୁ ତ ନିଶ୍ଚୟ ପିଇଥିବ। ହେଲେ, ତମେ ଯେତେବେଳେ ଏଠାରେ ନ ଥିଲ, ଆମର ଏ କୋରଡ଼ରେ ଥିବା ଜଳକୁ ଗୋଟିଏ ଗୋଖର ସାପ ପିଇ, ତା' ବିଷ ଛାଡ଼ିଦେଇ ଯାଇଛି। ସେ ଜଳକୁ ଯିଏ ପିଇବ ସେ ମରିବ। ଏଣୁ ସେ ଜଳକୁ ବିଷମୁକ୍ତ କରିବା ପାଇଁ ଆମେ ବିଷନାଶକ ଗଦ ଆଣିବାକୁ ଯାଇଥିଲୁ। ତୁମକୁ ଏ ଗଦ ଦେଇଥିଲେ ତୁମେ ବଞ୍ଚିଥାନ୍ତ, ହେଲେ ସେ ଚିଲ ତୁମକୁ ଖାଇଲାଣି। ଖାଉ, ସେ ମଧ୍ୟ ମରୁ।" ମୂଷାଛୁଆଙ୍କ କଥା ଶୁଣି ଚିଲର ଦେହ ଶୀତେଇ ଗଲା। ତା' ଦେହରେ ବିଷ ଚରିଗଲା ଭଳି ଲାଗିଲା। ସେ ବିକଳରେ ମୂଷାକୁ ଛାଡ଼ି ଦେଇ, କାକୁତି ହୋଇ କହିଲା, ମୂଷାଭାଇ ତୋ ପିଲାଙ୍କୁ କହ ମୋତେ ଟିକେ ଗଦ ଦିଅନ୍ତୁ, ମରିଯିବିରେ ଭାଇ। ମୂଷା ସେତେବେଳକୁ ଗାତରେ ପଶି ସାରିଥିଲା। ମୂଷା ପିଲାମାନେ କହିଲେ, ବିଶ୍ୱାସଘାତକ! ସତରେ ତୁ ଯଦି ବିଷ ପାଣି ପିଇଥାଆନ୍ତୁ ତେବେ ବି ତୋତେ ଆମେ ବଞ୍ଚେଇ ନଥାନ୍ତୁ। ଖାଲି ବାପାଙ୍କୁ ବଞ୍ଚେଇବାକୁ ଆମର ଏ କୌଶଳ। ଯା..ଯା.. ଶତ ଧିକ୍ ତୋତେ। ବିଶ୍ୱାସଘାତକକୁ କ୍ଷମା ଦେବା ଠିକ୍ ନୁହେଁ।

**– ଶିବ ପ୍ରସାଦ ରାଉତ, ବଢ଼ଦା, ବାସୁଦେବପୁର, ଭଦ୍ରକ**
ମୋ: ୯୪୩୭୭୯୬୬୨୧

## ଖିଲି ଖିଲି ହସ

ନାସା ମିଣ୍ଟୁଙ୍କୁ ଚନ୍ଦ୍ରପୃଷ୍ଠକୁ ପଠାଇଲା। କିନ୍ତୁ ଅଧା ରାସ୍ତାରୁ ମିଣ୍ଟୁ ଫେରିଆସିଲା।
ନାସା: ଆରେ ମିଣ୍ଟୁ ତୁମେ କ'ଣ ଫେରିଆସିଲ ?
ମିଣ୍ଟୁ: ମୋତେ ବାଟରେ ମନେପଡ଼ିଲା ଆଜି ତ ଆମାବାସ୍ୟା, ଚନ୍ଦ୍ର ତ ତାଙ୍କ ଜାଗାରେ ନ ଥିବେ। ତେଣୁ ସେଠାକୁ ଯାଇ କରିବି କ'ଣ ?

–ମିକୁ ଟିକୁ ମଧ୍ୟରେ କଥାବାର୍ତ୍ତା
ମିକୁ : ଏବେ ଡାକ୍ତରବାବୁ ଅପରେଶନ କରିବା ସମୟରେ ପେସେଣ୍ଟଙ୍କୁ ବେହୋସ କାହିଁକି କରି ଦେଉଛନ୍ତି ?
ଟିକୁ: କାଳେ ଡାକ୍ତର ଅପରେଶନ କରିବା ସମୟରେ ଯଦି ପେସେଣ୍ଟ ଅପରେଶନ ଦେଖିଦେଲା, ତେବେ ତ ଡାକ୍ତରଙ୍କ ବେପାର ଘାଟା ହୋଇଯିବ।

ରୀତା ନୂଆ କରି ବହି ପଢ଼ି ରୋଷେଇ କରୁଥିଲା। ସେ ରୋଷେଇ କରୁଥିବା ରେସିପିରେ ଲେଖାଥିଲା 'ସବୁ ପନିପରିବା କାଟିବା ପରେ ତାକୁ ଏକଘଣ୍ଟା ଫ୍ରିଜ୍‌ରେ ରଖିଦିଅନ୍ତୁ'। ରୀତାର ମା' ଯେତେବେଳେ ଫ୍ରିଜ୍ ଖୋଲି ଦେଖିଲେ ପନିପରିବା ଭିତରେ ଗୋଟେ ଘଣ୍ଟା ଥୁଆ ହୋଇଛି। ଏହା ଦେଖିଲା ପରେ ରୀତାକୁ ତା' ମା'ପଚାରିଲେ ଆରେ ପନିପରିବା ଭିତରେ ଘଣ୍ଟା କ'ଣ ଥୁଆ ହୋଇଛି ?
ରୀତା: ମା'ମୁଁ ଗୋଟେ ରେସିପି ଦେଖିଥିଲି ସେଥିରେ ଲେଖାହୋଇଥିଲା ପନିପରିବାକୁ ଏକ ଘଣ୍ଟା ଫ୍ରିଜ୍‌ରେ ରଖିବା ଲାଗି। ସେଥିପାଇଁ ମୁଁ ପନିପରିବା ସହ ଗୋଟିଏ ଘଣ୍ଟା ମଧ୍ୟ ଫ୍ରିଜ୍‌ରେ ରଖିଦେଇଥିଲି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt.Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ମତାମତ

▸▸ଆଇନା ସ୍ତମ୍ଭରେ ପ୍ରକାଶିତ କୁନାଲ ଏବଂ ରୁଦ୍ରାଂଶଙ୍କ ଫଟୋ ସୁନ୍ଦର ହୋଇଥିଲା।

**–ପ୍ରକାଶ ରାଉତ, ଅନୁଗୋଳ**

▸▸ଖିଲିଖିଲି ହସର କଳେବର ବଢ଼ାଇବାକୁ ଅନୁରୋଧ।

**–ମଦନମୋହନ ସାହୁ, ସାଲେପୁର, କଟକ**


▸▸ଜଣା ଅଜଣାରେ ପ୍ରକାଶିତ ବାଦଲର ଓଜନ, ଲମ୍ୱାକାର୍ ପରି କେତେକ ବିଷୟ ପଢ଼ି ସେ ସମ୍ୱନ୍ଧରେ ଜାଣିହେଲା। ଏଭଳି ବିଭିନ୍ନ ବିଷୟରେ ତଥ୍ୟ ପ୍ରଦାନ କରୁଥିବାରୁ ଆପଣଙ୍କୁ ଧନ୍ୟବାଦ।

**–ମିତାଲି ସାମଲ, ନୟାଗଡ଼**

▸▸ଏଥର ପ୍ରକାଶିତ କବିତାଗୁଡ଼ିକ ଭଲ ଲାଗିଲା।

**–ପ୍ରିୟାଂଶୀ ନାୟକ, ରାଉରକେଲା**

## ରଙ୍ଗ ଦିଅ



# ଜେଲିଫିସ୍

ପ୍ରକୃତିର ଏକ ଭିନ୍ନ ତଥା ସ୍ୱତନ୍ତ୍ର ଜୀବ ହେଉଛି ଜେଲିଫିସ୍। ଜାଣନ୍ତୁ ଏମାନଙ୍କ ବିଷୟରେ କିଛି ରୋଚକ ତଥ୍ୟ।

✪ ବିଶ୍ୱରେ ୧୫୦୦ରୁ ଅଧିକ ପ୍ରଜାତିର ଜେଲିଫିସ୍ ଅଛନ୍ତି। ଏମାନଙ୍କ ଶରୀରରେ ୯୫ ଭାଗ ଜଳ ରହିଛି। ସେଥିପାଇଁ ପାଣିରେ ଥିବାବେଳେ ସେମାନେ ଭିନ୍ନ ଧରଣର ଦେଖାଯାନ୍ତି।

✪ ଜେଲିଫିସ୍‌ର ମସ୍ତିଷ୍କ ନାହିଁ କି ହୃଦୟ ଅଥବା ଫୁସଫୁସ୍ ବି ନାହିଁ। ସେମାନଙ୍କ ଶରୀର ତିନୋଟି ସ୍ତରରେ ବିଭକ୍ତ ହୋଇଥାଏ।

✪ ଛୋଟ ଜେଲିଫିସ୍ ମାତ୍ର ୧ ରୁ ୨ ସେଣ୍ଟି ମିଟର ଲମ୍ବ ଓ କିଛି ମିଲିମିଟର ଓସାରର ହୋଇଥାନ୍ତି। ବଡ ଜେଲିଫିସ୍ ଅତିବେଶିରେ ୨ ମିଟର ଚଉଡାରେ ୩୭ ମିଟର ଲମ୍ବର ହୋଇପାରନ୍ତି।

✪ ଏମାନଙ୍କର ମୃତ୍ୟୁ ନାହିଁ କହିଲେ ଭୁଲ ହେବ ନାହିଁ। କାହିଁକିନା ଏମାନେ ସମ୍ପୂର୍ଣ୍ଣଭାବେ ମରନ୍ତି ନାହିଁ। ମରିବାର କିଛି ସମୟ ପରେ ଶରୀରର ବିଭିନ୍ନ ଭାଗ ପୁଣି ଥରେ ନୂଆ ଏକ ଜେଲିଫିସ୍‌ରେ ପରିଣତ ହୋଇଥାଏ।

✪ ବିଶେଷ ଧରଣର ଆଧୁନିକ ପ୍ରଜାତି ହେଉଛନ୍ତି ବକ୍ସ ଜେଲିଫିସ୍, ଯେଉଁମାନଙ୍କର ଚାରିପଟରେ ୨୪ଟି ଆଖି ରହିଛି। ତେଣୁ ସେମାନେ ଏକ ସମୟରେ ସବୁପଟକୁ ଭଲଭାବେ ଦେଖିପାରନ୍ତି। ଏମାନେ ମଧ୍ୟ କ୍ଷିପ୍ର ଗତିରେ ଯାଇପାରନ୍ତି। ୧ ମିନିଟ୍‌ରେ ପ୍ରାୟ ୬ ମିଟର ଅତିକ୍ରମ କରିପାରନ୍ତି ଏମାନେ।

✪ କେତେକ ଜେଲିଫିସ୍ ଅତ୍ୟନ୍ତ ବିଷାକ୍ତ ମଧ୍ୟ ହୋଇଥାନ୍ତି, ଯେଉଁମାନେ ମଣିଷକୁ ଛୁଇଁବା ମାତ୍ରେ ସେମାନଙ୍କ ଜୀବନ ସଙ୍କଟାପନ୍ନ ହୋଇଯାଏ।



## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୁଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



ଏବେ ଖରାଛୁଟି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲଗୁଡିକୁ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଛୁଟି ଘୋଷଣା କରାଯାଇଛି। ତେବେ ଏହା ମଧ୍ୟରେ ପିଲାମାନଙ୍କର ପାଠ ପଢ଼ା ବ୍ୟତୀତ ଆଉ କେଉଁଥିରେ ସମୟ ବିତୁଛି ସେ ସମ୍ପର୍କରେ କେତେଜଣ ଛାତ୍ରୀଛାତ୍ର ଯାହା କହନ୍ତି...

# ଖରାଛୁଟିରେ..

ପିଲାମାନଙ୍କର ପାଠପଢ଼ା କ୍ୟାରିୟରରେ ଦୀର୍ଘକାଳୀନ ଛୁଟି ହେଉଛି ଗ୍ରୀଷ୍ମ ଛୁଟି। ହେଲେ ଗତ କିଛି ବର୍ଷ ହେବ ପ୍ରାୟ ଏପ୍ରିଲ ମାସରୁ ଖରାଛୁଟି ଘୋଷଣା କରାଯାଉଛି। ଏହି ସମୟରେ ଅନଲାଇନ୍ ପାଠପଢ଼ା ସାଙ୍ଗକୁ ସମର ହୋମୱାର୍କରେ ପିଲାମାନେ ବ୍ୟସ୍ତ ରହୁଛନ୍ତି। ଏହାବ୍ୟତୀତ ଏଭଳି ଅବକାଶ ସମୟରେ ସେମାନେ ବୁଲାବୁଲି, ଖେଳକୁଦ ପାଇଁ ମଧ୍ୟ ସମୟ ପାଇଥାଆନ୍ତି। ବିଶେଷଭାବରେ ଗ୍ରୀଷ୍ମ ଛୁଟି ପୂର୍ବରୁ ସବୁ ପିଲାଙ୍କର ନୂଆ କ୍ଲାସ ପାଠ ପଢ଼ା ଆରମ୍ଭ ହୋଇଯାଏ। ତେଣୁ ଏଥିପ୍ରତି ସେମାନେ ସଜାଗ ରୁହନ୍ତି।

## ଅନଲାଇନ୍ କ୍ଲାସକୁ ପ୍ରାଧାନ୍ୟ ଦେଇଥିଲି

ଏଥର ଗ୍ରୀଷ୍ମଛୁଟି ଆରମ୍ଭରୁ ମୁଁ ମୋର ଅନ୍‌ଲାଇନ୍ କ୍ଲାସକୁ ପ୍ରାଧାନ୍ୟ ଦେଇଥିଲି। ବହୁତ ଗ୍ରୀଷ୍ମପ୍ରବାହ ହେତୁ ଏଥର ଏପ୍ରିଲ୍ ୨୫ ତାରିଖରୁ ବିଦ୍ୟାଳୟ ଛୁଟି ଦିଆଯାଇଥିଲା। ସ୍କୁଲ୍ ଛୁଟିରେ ମୁଁ ମାମୁଘର ବୁଲିବାକୁ ଯାଇଥିଲି। ସେଠାରେ ବହୁତ ମଜାମସ୍ତି କଲି । ଘରକୁ ଆସିଲାପରେ ବାପା,ମା, ଭାଇ ଓ ଭଉଣୀ ସହିତ ମିଶି ପୁରୀ ବୁଲିବାକୁ ଯାଇଥିଲୁ। ସେଠାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଏବଂ ସୁଭଦ୍ରାଙ୍କୁ ଦର୍ଶନ କଲୁ। ନରେନ୍ଦ୍ର ପୋଖରୀ ପାଖରେ ଥିବା ମ୍ୟୁଜିୟମ୍‌ରେ ଶ୍ରୀଜଗନ୍ନାଥଙ୍କର ରମଣୀୟ ମୂର୍ତ୍ତି ସବୁ ଦେଖିଲି । ଏଥରର ଜଗା ଦର୍ଶନ ମୋ ପାଇଁ ସ୍ମରଣୀୟ ହୋଇ ରହିବ। ବର୍ତ୍ତମାନ ମୁଁ ଟ୍ୟୁସନ୍ ଯାଉଛି ଏବଂ ଅନ୍‌ଲାଇନ୍ କ୍ଲାସରେ ପାଠ ପଢୁଛି।



**–ସ୍ମୃତିପ୍ରଜ୍ଞା ମହାପାତ୍ର**,କ୍ଲାସ–୭,
ନୀଳକଣ୍ଠେଶ୍ୱର ୟୁପି ସ୍କୁଲ,ଜଗତ୍‌ସିଂହପୁର

## ପରିବାର ସହ ସମୟ ବିତୁଛି

ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ଏଥର ଦୁଇ ସପ୍ତାହ ପୂର୍ବରୁ ସ୍କୁଲ୍ ଛୁଟି ଦିଆଯାଇଛି। ଏଣୁ ମୁଁ ମୋର ପାଠ୍ୟକ୍ରମକୁ ସାରିବାକୁ ଯୋଜନା କରିଛି। ଯେହେତୁ ଏହିବର୍ଷ ଅତ୍ୟଧିକ ଗରମ ଅନୁଭୂତ ହେଉଛି ସେଥିପାଇଁ ଯଥାସମ୍ଭବ ପରିବାର ସଦସ୍ୟଙ୍କ ସହିତ ସମୟ ବିତାଉଛି। ମା' ଘରେ ବିଭିନ୍ନ ପ୍ରକାର ସର୍ବତ୍ ଓ ଆଇସ୍‌କ୍ରିମ୍ ପ୍ରସ୍ତୁତ କରି ଦେଉଛନ୍ତି ତାହାକୁ ଖାଇ ପିଇ ମଜା ନେଉଛି। ମଝିରେ ମଝିରେ ପୁରୀ ସମୁଦ୍ରକୂଳକୁ ଯାଇ ସମୟ କାଟୁଛୁ। ମୁଁ ଥରେ ପରିବାର ସହ ୱାଟରପାର୍କ ଯିବାକୁ ମଧ୍ୟ ମନସ୍ଥ କରିଛି। ରଜରେ ନୂଆ ଡ୍ରେସ ପିନ୍ଧିବି ବୋଲି ଯୋଜନା କରିଛି। ଏହି ଖରା ଛୁଟିରେ ଭଲ ଭଲ ଆତ୍ମଜୀବନୀ ପଢୁଛି।



**–ଆୟୁଷ ପଟ୍ଟନାୟକ,**
କ୍ଲାସ–୮,ମଦର୍ସ ପବ୍ଲିକ୍ ସ୍କୁଲ୍,ପୁରୀ

## ପାଠପଢ଼ା, ବୁଲାବୁଲିରେ ସମୟ କଟୁଛି

ଏବର୍ଷ ଖରାଛୁଟିରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ହେଉଛି। ମୁଁ ଅଧିକାଂଶ ସମୟ ଘର ଭିତରେ ରହୁଛି । ମୋ ବଡ ଭଉଣୀ ମଧ୍ୟ ତା ହଷ୍ଟେଲ୍ ଛୁଟି ଥିବାରୁ ଘରକୁ ଆସିଛି। ମୁଁ ପରିବାର ସହି ପୁରୀ ବୁଲିବାକୁ ଯାଇଥିଲି। ଅନେକ ଦିନ ପରେ ପରିବାର ସହିତ ଏକାଠି ହୋଇଥିବାରୁ ବହୁତ ଭଲ ଲାଗିଲା। ସମୁଦ୍ରକୂଳରେ ବେଶ୍ ମଜା ମସ୍ତି କଲୁ। ବହୁତ ମଜା ଲାଗିଲା। ମେ ୧ରୁ ୧୫ ତାରିଖ ପର୍ଯ୍ୟନ୍ତ ନବମରୁ ଦ୍ୱାଦଶ କ୍ଲାସ ପିଲାଙ୍କର ଅନ୍‌ଲାଇନ୍ କ୍ଲାସ ହେଉଥିଲା। ଏଥର ଛୁଟି ହେଲାପରେ ପୁରୀ ବୁଲିଯିବାକୁ ଯିବା ଲାଗି ସ୍ଥିର କରିଥିଲି। ଆଉ ଏଥର ପୁରୀ ବୁଲା ମୋତେ ଖୁବ୍ ଖୁସି ଲାଗିଲା। ଏ ଖରାଛୁଟି ମୋର ସବୁଦିନ ପାଇଁ ମନେ ରହିବ।



**–ନିର୍ଣ୍ଣୟ ସେନାପତି** ,କ୍ଲାସ–୯,ବିଏମ୍ ପିଏସ୍ ତକ୍ଷଶିଳା,ଭୁବନେଶ୍ୱର

## ଗାଁରେ ସମୟ କଟିଲା

ସବୁ ପିଲାଙ୍କ ପରି ମୁଁ ମଧ୍ୟ ପ୍ରତ୍ୟେକ ବର୍ଷ ବାର୍ଷିକ ପରୀକ୍ଷା ପରେ ଗ୍ରୀଷ୍ମ ଛୁଟିକୁ ବେଶ୍ ଉତ୍ସୁକତାର ସହ ଅପେକ୍ଷା କରିଥାଏ। କେବେ ଛୁଟି ହେବ ଆଉ ମୁଁ ଗାଁକୁ ଯିବି। ଏଥର ମଧ୍ୟ ଏହି ଛୁଟି ହେବା ମାତ୍ରେ ମୁଁ କିଛି ସପ୍ତାହ ପାଇଁ ଗାଁକୁ ଯାଇଥିଲି। ସେଠାରେ ସାଙ୍ଗପିଲାଙ୍କ ସହ ଢେ଼ର ମଜା ହେଲା। ବିଶେଷଭାବରେ ଗାଁ ପରିବେଶ ମୋତେ ଭାରି ଭଲଲାଗେ। ଆମ ଗାଁର ଗୁରୁଜନଙ୍କ ସହ ମିଶି ସେମାନଙ୍କଠାରୁ ଅନେକ ଭଲ କଥା ଶିଖିଲି। ଗାଁଉଲି ଖାଦ୍ୟର ମଜା ନେଲି। ପ୍ରତିବର୍ଷ ମୁଁ ଖରାଛୁଟିରେ ଯେମିତି ହେଲେ ଗାଁକୁ ଯାଇଥାଏ। ଏବର୍ଷ ଗାଁରୁ ଫେରିବା ପରେ ମୋର ଆଉ ଏକ ଯୋଜନା ରହିଛି। ଏଥର ଆମ ପରିବାର ଶିରିଡି ଯିବାକୁ ସ୍ଥିର କରିଛନ୍ତି ଏବଂ ଏ ନେଇ ସମସ୍ତ ବ୍ୟବସ୍ଥା ମଧ୍ୟ ହୋଇସାରିଛି। ମୁଁ ପ୍ରଥମ ଥର ପାଇଁ ସାଇବାବାଙ୍କର ଦର୍ଶନ କରିବି, ତେଣୁ ମୋ ମନ ସେଥିପାଇଁ ଏବେଠାରୁ ବ୍ୟାକୁଳ ହେଲାଣି। କେବେ ସେଦିନ ଆସିବ ଆଉ ମୁଁ ବାବାଙ୍କ ଆର୍ଶୀବାଦ ନେବି। ଏସବୁ ସହ ପାଠପଢ଼ାକୁ କେବେ ଅବହେଳା କରିନି। ଯେହେତୁ ମୋର ନବମ କ୍ଲାସ ହେଲା, ତେଣୁ ଏବେଠାରୁ ମୋତେ ପରିଶ୍ରମ କରିବାକୁ ପଡିବ। ସେନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। ଶିରିଡିରୁ ଫେରିଲେ ମୁଁ କେବଳ ପାଠପଢ଼ାରେ ହିଁ ମନ କେନ୍ଦ୍ରିତ କରିବି। କାରଣ ଆଉ କିଛି ସପ୍ତାହ ପରେ ସ୍କୁଲ ଖୋଲିଯିବ। ତେଣୁ ସେ ନେଇ ନିଜକୁ ପ୍ରସ୍ତୁତ କରିବାକୁ ପଡିବ।



**–କୁମାର ଦିବ୍ୟାଂଶ ପାଢ଼ୀ,**
କ୍ଲାସ–୯ମ,ଡିଏଭି ପବ୍ଲିକ ସ୍କୁଲ, ଇଫ୍‌କୋ,ପାରାଦୀପ


## ସାଙ୍ଗସାଥୀଙ୍କ ସହ ଖରାଛୁଟି ବିତାଉଛି

ବର୍ତ୍ତମାନ ବିଦ୍ୟାଳୟ ଛୁଟି ହୋଇଥିବାରୁ ମୁଁ ଏକ ଶିଶୁ ଆଶ୍ରମରେ ରହୁଛି। ମୋର ସାଙ୍ଗମାନେ, ସାନ ଭାଇ ଓ ଆମର ଦେଖାଶୁଣା କରୁଥିବା କର୍ମକର୍ତ୍ତାମାନେ ମଧ୍ୟ ଆମ ସହିତ ରୁହନ୍ତି। ଆମେ ସବୁ ଅନ୍ତେବାସୀମାନେ ମିଶିକରି ଖରାଛୁଟିକୁ ଭଲାଭାବେ କାଟିବା ପାଇଁ ଯୋଜନା ପ୍ରସ୍ତୁତ କରିଛୁ। ଯେଉଁଥିରେ ବିଭିନ୍ନ ପ୍ରକାର ଖେଳ, ଟ୍ୟୁସନ, ନାଚ, ଗୀତ, ମାତାପିତା ସମ୍ମିଳନୀ, କୁଇଜ, ଜଳକ୍ରିଡ଼ା, ସୃଜନଶୀଳତା, ଡ୍ରଇଁ, ଶିଶୁ ସିନେମା ଦେଖିବା ଆଦି ରହିଛି। ଶେଷରେ ଅଭିଜ୍ଞତା ବଖାଣିବା, ଲେଖିବାର ଅବସର ବି ଅଛି। ଏହି କାର୍ଯ୍ୟକ୍ରମ ବିଦ୍ୟାଳୟ ଖୋଲିବା ଯାଏଁ ଚାଲିବ। ଖରା ଛୁଟି ବେଶ ଖୁସିରେ ବିତିବ ବୋଲି ମୁଁ ଆଶା ରଖିଛି।




**–ଜୟନ୍ତ ପାତ୍ର,** କ୍ଲାସ–୧୦ମ,
ଡା. ଦାଶରଥୀ ମିଶ୍ର ବିଦ୍ୟାପୀଠ, ଢେ଼ଙ୍କାନାଳ





୧



୨


୩


୪


୫


୬


୭


ଅନିକେତ ସାହୁ
କ୍ଲାସ୍- ୫,
ଡି ପଲ୍ ସ୍କୁଲ,
ବ୍ରହ୍ମପୁର
୧

ମେଘା ଟୁଡୁ
କ୍ଲାସ୍-୯,
ଆଦର୍ଶ ବିଦ୍ୟାଳୟ,
ଟିଟିଆ,
ମୟୂରଭଞ୍ଜ

୨


ଶ୍ରୀୟାଶ୍ରୀ ସାମନ୍ତ
କ୍ଲାସ୍- ୮, ସ୍ୱାମୀ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର,
ମହାବୀରନଗର,
ଭୁବନେଶ୍ୱର
୩

ଦିବ୍ୟାଂଶୀ ମିଶ୍ର
କ୍ଲାସ୍- ୬,
ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
କାକଟପୁର,
ପୁରୀ

୪


ଦିବ୍ୟାଂଶୀ ମଣ୍ଡଳ
କ୍ଲାସ୍-୩, ସୋମନାଥ
ଶିକ୍ଷା ନିକେତନ,
ଚକେଇସିହାଣୀ,
ଭୁବନେଶ୍ୱର
୫

ଶୁଭସ୍ମିତା ରାଉତ
କ୍ଲାସ୍- ୪, ମହତାବ
ଉଚ୍ଚ ବିଦ୍ୟାଳୟ,
ମଙ୍ଗଳପୁର,
ଯାଜପୁର

୬


ସୁମେଧା ମିଶ୍ର
କ୍ଲାସ୍- ୧୦, ସେଣ୍ଟ
ଜାଭିଅର୍ସ ହାଇସ୍କୁଲ,
ଖଣ୍ଡଗିରି, ଭୁବନେଶ୍ୱର
୭

ସୋମ୍ୟା ପ୍ରିୟଦର୍ଶିନୀ
ଷଡ଼ଙ୍ଗୀ
କ୍ଲାସ୍-୪, ଡିଏଭି
ପଦ୍ମାବତୀ ପବ୍ଲିକ
ସ୍କୁଲ, ନିମେଇଶାପୁର,
କଟକ

୮



୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ




# ସର୍ବବୃହତ୍ ଜିପିଏସ୍ ଡ୍ରଇଂ

କିଛି ଭିନ୍ନ କରିବା ଉଦ୍ଦେଶ୍ୟରେ ବେଳେବେଳେ କିଲୋକେ ଏପରି କାମ କରିଦିଅନ୍ତି ଯାହା ଏକ ବିରଳ କୃତିତ୍ୱ ପାଲଟିଯାଏ। ଠିକ୍ ଏମିତି କିଛି କରି ସାରା ବିଶ୍ୱରେ ଏକ ସ୍ୱତନ୍ତ୍ରତା ହାସଲ କରିଛନ୍ତି କେରଳର କଳାକାର ସୁଜିଥ୍ ଭର୍ଗିଜ୍। ଦୁବାଇରେ ସେ ବିଶ୍ୱର ସବୁଠୁ ବଡ ଜିପିଏସ୍ ଡ୍ରଇଂ ତିଆରି କରିଛନ୍ତି। ତାଙ୍କର ଏହି ଡ୍ରଇଂଟି ୮.୭୧ କିଲୋମିଟର ଲମ୍ବର। ଏହାକୁ ତିଆରି କରିବା ପାଇଁ ସୁଜିଥ୍‌ଙ୍କୁ ୨୪ ଘଣ୍ଟା ଲାଗିଥିଲା। ଏଭଳି ଏକ ଭିନ୍ନ ଧରଣର ଡ୍ରଇଂ ପାଇଁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ବିଶ୍ୱ ରେକର୍ଡ କରିଥିବା ସୁଜିଥ୍ ହେଉଛନ୍ତି ଜଣେ ଦିବ୍ୟାଙ୍ଗ। ୨୦୧୩ ମସିହାରେ ସେ ଏକ ଦୁର୍ଘଟଣାରେ ପାରାଲିସିସ୍‌ର ଶିକାର ହୋଇଥିଲେ। କିନ୍ତୁ ଜୀବନରେ ସେ କେବେ ହାର୍ ମାନିନାହାନ୍ତି। ବରଂ ନିଜ ସ୍ୱପ୍ନ ପୂରଣ କରିବା ପାଇଁ ସେ ସବୁ ଚ୍ୟାଲେଞ୍ଜକୁ ଗ୍ରହଣ କରିବାକୁ ପ୍ରସ୍ତୁତ ରହିଥିବା କହିଛନ୍ତି। ତେବେ ତାଙ୍କର ଏଭଳି ଏକ କାମ ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି।



# ଏଥରର



- ଏଭରେଷ୍ଟ ପର୍ବତ ଆରୋହଣ କରିଥିବା ସର୍ବକନିଷ୍ଠ ବ୍ୟକ୍ତି ?
- ୨୦୧୮ ମସିହାରେ ସ୍ୱଚ୍ଛ ସର୍ବେକ୍ଷଣ ଅନୁସାରେ ଭାରତର କେଉଁ ସହର ସର୍ବାଧିକ ସ୍ୱଚ୍ଛ ମାନ୍ୟତା ପାଇଥିଲା ?
- ଆମ ଦେଶରେ ଜାତୀୟ ବାଳିକା ଦିବସ କେବେ ପାଳନ କରାଯାଏ ?
- 'ଦି ଜଙ୍ଗଲ୍ ବୁକ୍' ପୁସ୍ତକର ଲେଖକ ?
- ମୁନ୍‌ସୀ ପ୍ରେମ୍‌ଚାନ୍ଦଙ୍କର ପେନ୍ ନେମ୍ କ'ଣ ?

## ଗତଥରର

ଉ ଉ ଉ

- ପାଲି
- ଟେସି ଥୋମାସ୍
- ୨୦ ବର୍ଷ
- କର୍ନମ୍ ମାଲେଶ୍ୱରୀ
- ଜାନକୀ ଅମଲ



# କବିତା

## ଟିକି ପ୍ରଜାପତି

ମୁଁ ଟିକି ପ୍ରଜାପତି
ଜାଣେନାହିଁ ମୋର ଗତି।
ଉଡ଼ିବୁଲେ ଦିନସାରା
କିବା ଶୀତ,ବର୍ଷା, ଖରା।
ଟିକି ଟିକି ମୋର ଡେଣା
ହୁଏନାହିଁ ବାଟବଣା।
ଆନନ୍ଦରେ ଗାଏ ଗୀତ
ସବୁ ଫୁଲ ମୋର ମିତ।
ଫୁଲେ ବସି ମଧୁ ଶୋଷେ
ଫୁଲ ମତେ ଦେଖି ହସେ।
ଟିକି ଅଟେ ମୋ ଜୀବନ
ଖୁସି ବାଣ୍ଟୁଥିବି ସବୁଦିନ।

**– ରମାକାନ୍ତ ଦାସ**
ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ: ୯୬୬୮୧୫୩୬୯

## ଧରାରେ ଖରା

ପୋଖରୀ ଗାଡ଼ିଆ ନଈ ନାଳ କୂଏ
ଦିଶୁନାହିଁ ଟୋପେ ଜଳ
ପ୍ରଚଣ୍ଡ ଖରାରେ ନିଗୁଡୁଛି ଖାଲି
ଦେହୁ ଗମଗମ ଝାଳ।
ଧରାବକ୍ଷେ ଏବେ ରାଜୁତି କରୁଛି
ନିଦାଘର ଝାଞ୍ଜି ଖରା
ତୃଷ୍ଣାରେ ବିକଳ ଏ ପ୍ରାଣୀ ଜଗତ
ବାଟ ଭୁଲିଲେଣି ପରା।
ଅଂଶୁମାନଙ୍କର ଅନଳ ଝାସରେ
ଜଳୁଛି ଆଜି ପ୍ରକୃତି
ଅଂଶୁଘାତ ଭୟ ଡରାଇ ମାରୁଛି
ସହି ହେଉନାହିଁ ତାତି।
ବେଳଥାଉ ସର୍ବେ ସାବଧାନ ହୋଇ
ଲଗାଅ ସବୁଠି ଗଛ
ହଜିଲା ସୌନ୍ଦର୍ଯ୍ୟ ଲେଉଟି ଆସିବ
ଏ କଥା ନୁହଁଇ ମିଛ।

**– ରାମ ଚନ୍ଦ୍ର ପ୍ରଧାନ**
ଟେକ୍ନିକାଲ ହାଇସ୍କୁଲ, ଆସିକା, ଗଞ୍ଜାମ
ମୋ:୯୮୭୧୬୩୮୭୩୬

## ଗାଆଁରେ ଖରା

ଗାଆଁରେ ଖରା ତାତିଉଠେ ଭୂଇଁ
ଲାଗୁଚି ଡର ସୂରୁଜ ନଭେ ଗଲେ ଉଇଁ।
ପତ୍ର ସବୁ ଯାଏ ଜଳି ଥୁଣ୍ଟାଗଛ ଠିଆ
ତାତିଲା ପବନ ବାଜି ଥରିଉଠେ ହିଆ।
ଫଟାମାଟି ଦେଖି ଚାଷୀ ମୁଣ୍ଡେଦିଏ ହାତ
ଭାବେ ସେ କିପରି ଦେବ ଭୋକିଲାକୁ ଭାତ।
ଗାଆଁରେ ଖରା ନାଚେ ନିଆଁପରି
ସାବଧାନ ହୋଇ ଚଳେ ଖରାଦେଖି ନରି।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଲଗାଇବି ମୁଁ ଗଛ

ମୋ ଛାଇ ତଳ ଭାରି ଶୀତଳ
ବିରାମ ଟିକେ ନିଅ,
ତୁଟିଲେ ଝାଳ ବୁଡ଼ିଲେ ବେଳ
ହାଲୁକା ହେବ ଦେହ।
ତୋଳିବ ଫଳ, ଫୁଲ,ପତର
ମନଟି ଥିବ ଭରା,
ଅମଳଜାନ ରଖିବ ପ୍ରାଣ
ସଜାଡି ନେବ ଧରା।
କରି ବରଷା ହେବି ଭରସା
ଯୋଗାଇଦେବି ଜଳ,
ଶୁଖିଗଲେ ମୋ ଡାଳ, ବକଳ
କରିବ ନେଇ ଜାଳ।
ଶୁଣି ଏକଥା ଲାଗିଲା ବ୍ୟଥା
କହେ ମଣିଷ ଭାଇ,
କାହିଁକି ସତେ ଆସିଥିଲି ମୁଁ
ତୋତେ କାଟିବା ପାଇଁ!
ନ କରି ଡେରି ଯାଉଛି ଫେରି
ଲଗାଇବି ମୁଁ ଗଛ ,
ଆପଣା ଭାବି ବୁଝାଇ ଦେବି
ନ କର ଏହା ନାଶ।

**– ଅନନ୍ତ କୁମାର ସେନାପତି**
ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

# କହିଲ ଦେଖି



ବରଷକେ ଥରେ ଏଫଳ ଫଳେ
ବିଜୟୀକୁ ସୁନା ମୁକୁଟ ମିଳେ
କମ୍ ଫଳ ମିଳିଲେ ଦୁଃଖ,
କେଉଁ ଫଳ ଇଏ, ଆଗକୁ ବଢ଼ାଏ
କର୍ମରେ ବିଶ୍ୱାସ ରଖ ।

**ଉତ୍ତର – ବାର୍ଷିକ ପରୀକ୍ଷା ଫଳ**



ସଖୀ ଲୋ ସଖୀ
ସବୁ ଭାଷା ମୁହିଁ ପାରିଚି ଶିଖି
ବୁଦ୍ଧି ବଢିଯାଏ ସମ୍ପର୍କ ରଖି,
ଅତି ପ୍ରିୟ ବନ୍ଧୁ କିଏ ?
ଜୀବନରେ ସିଏ ସଫଳ ହୋଇଚି
ମୋତେ ଆଦର କରିଚି ଯିଏ ।

**ଉତ୍ତର – ବହି/ପୁସ୍ତକ**



ସର ଲୋ ସର
ମୋତେ ଚଷିଥାଅ ହୋଇ ତର ତର
ଲଙ୍ଗଳର ରଙ୍ଗ ନାନା ପ୍ରକାର
କୁହ ମୁଁ କିଏ ?
ବଡ଼ ଭାଇ ସହ ସର୍ବଦା ଥାଏ
ଗୁରୁ ପାଠ ମନେ ପକାଇ ଦିଏ ।

**ଉତ୍ତର – ଖାତା**

**– କବିଜ୍ୟୋତି ନିରଞ୍ଜନ ପତି**
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

# କଳାରଙ୍ଗ କ୍ଷୀର

ପିଲାଏ, ତୁମେମାନେ ସାଧାରଣତଃ କ୍ଷୀରର ରଙ୍ଗ ଧଳା ଜାଣିଛ। କିନ୍ତୁ ଏମିତି ଏକ ପ୍ରାଣୀ ରହିଛି, ଯାହାର କ୍ଷୀରର ରଙ୍ଗ କଳା । କଳାରଙ୍ଗ କ୍ଷୀର ଶୁଣି ହୁଏତ କେହି କେହି ଆଶ୍ଚର୍ଯ୍ୟ ହେଉଥିବେ। କିନ୍ତୁ କଥାଟି ସତ। ମଇଁଷି, ଗାଈ, ଛେଳିଙ୍କ ଭଳି ଅଧିକାଂଶ ପ୍ରାଣୀ ଧଳା ରଙ୍ଗର କ୍ଷୀର ଦେଇଥାନ୍ତି। ତେବେ ଆଫ୍ରିକା ମହାଦେଶରେ ରହୁଥିବା ମାଈ ଗଣ୍ଡାର କ୍ଷୀରର ରଙ୍ଗ କଳା। ଏମାନଙ୍କୁ 'ଆଫ୍ରିକାର କଳାଗଣ୍ଡା' ବୋଲି ମଧ୍ୟ କୁହାଯାଏ। ଏମାନଙ୍କ କ୍ଷୀର ମଲାଇ ଭଳି ହୋଇଥାଏ।





# ମିଠା ନଦୀପାଣି



ପୃଥିବୀରେ ପ୍ରାୟ ୧.୫ଲକ୍ଷରୁ ଅଧିକ ନଦୀ ରହିଛି। ଇତିହାସର ତଥ୍ୟ ଅନୁଯାୟୀ ପ୍ରଥମେ ନଦୀକୂଳରେ ହିଁ ସଭ୍ୟତା ଗଢ଼ି ଉଠିଥିଲା। ନଦୀ ପାଣି ଆମର ବିଭିନ୍ନ କାମରେ ଆସିଥାଏ। ଆମ ଦେଶରେ ପ୍ରାୟ ୨୦୦ ନଦୀ ରହିଛି। ତେବେ କେତେକ ନଦୀ ପାଣିର ସ୍ୱାଦ ବି ଭିନ୍ନ ଭିନ୍ନ। କେଉଁଠି ଏହା ମିଠା ତ କେଉଁଠି କ୍ଷାରଯୁକ୍ତ, ପୁଣି କେଉଁଠି ଲୁଣିଆ। ନୀଳ ଓ ଆମାଜନ ନଦୀ ବିଷୟରେ ପ୍ରାୟ ଅନେକେ ଜାଣନ୍ତି ? ଏହା ହେଉଛି ବିଶ୍ୱର ବୃହତ୍ତମ ନଦୀ। ଆମ ଦେଶରେ ଏଭଳି ଏକ ନଦୀ ରହିଛି, ଯାହାର ପାଣିର ସ୍ୱାଦ ତାହାକୁ ବେଶ୍ ପରିଚିତ କରାଇଛି। ଅନ୍ୟ ନଦୀଠାରୁ ଏହି ନଦୀର ପାଣି ବେଶ୍ ମିଠା ତଥା ସ୍ୱାଦଯୁକ୍ତ ଲାଗିଥାଏ। ଦକ୍ଷିଣ ଭାରତର କର୍ନାଟକ ରାଜ୍ୟରେ ଅବସ୍ଥିତ ଏହି ନଦୀଟିର ନାମ ତୁଙ୍ଗଭଦ୍ରା, ଯାହାର ଲମ୍ବ ପ୍ରାୟ ୧୪୭ କିମି । ଏହି ନଦୀଟି ବରାହ ପର୍ବତରୁ ବାହାରିଛି, ଯାହାକୁ ଗଙ୍ଗମୂଳା କୁହାଯାଇଥାଏ। ଏହାକୁ ମଧ୍ୟ ତୁଙ୍ଗ ନଦୀ ବୋଲି କୁହାଯାଏ। ପରେ ଏହି ନଦୀଟି ଭଦ୍ରା ନଦୀ ସହ ମିଶିଛି। ତେଣୁ ଏହି ନଦୀର ନାମକରଣ ତୁଙ୍ଗଭଦ୍ରା ବୋଲି କରାଯାଇଛି। ଏହି ନଦୀପାଣି ପିଇବା ଦ୍ୱାରା ଏକ ଭିନ୍ନ ଅନୁଭବ ମିଳେ ବୋଲି କୁହାଯାଏ। ଅଧିକ ମିଠାଯୁକ୍ତ ପାଣି ପାଇଁ ଏହି ନଦୀକୁ କର୍ନାଟକର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ଗଣନା କରାଯାଉଛି।

## କୋଇଲି ନୁହେଁ

# କୁମ୍ଭାଟୁଆ





ସମୟ ପ୍ରାୟ ଅପରାହ୍ନ ଗୋଟାଏ। ଶ୍ରାବଣୀ ବାପା ଓ ମା'ଙ୍କ ସହିତ ବସି ଡାଇନିଂ ଟେବୁଲ୍‌ରେ ଖାଉଥାନ୍ତି। ଶ୍ରାବଣୀ ପଚାରିଲେ,ବାପା ! ଆମେ କାହାକୁ ସ୍ୱଭାବ କବି କହୁ ? ବାପା କହିଲେ, ଗଙ୍ଗାଧର ମେହେର ସ୍ୱଭାବ କବି ଭାବରେ ପରିଚିତ। ଶ୍ରାବଣୀ କହିଲେ, ଗତକାଲି ରାତିରେ ମା' ଯେତେବେଳେ ସ୍କୁଲ୍‌ରେ ପାଠ ପଢୁଥିଲେ ସେତେବେଳେ ତାଙ୍କର ସାହିତ୍ୟ ଗୁରୁଜୀ ସାହିତ୍ୟରେ ଥିବା ଗଙ୍ଗାଧର ମେହେରଙ୍କ ରଚିତ 'ଆଶ୍ରମେ ପ୍ରଭାତ' କବିତାକୁ ଅତି ସୁନ୍ଦର ଭାବେ ସ୍ୱର ଦେଇ ବୁଝାଉଥିଲେ, ସେଭଳି ମା' ମଧ୍ୟ ସେହି କବିତାର ଗୋଟିଏ ପଂକ୍ତି ଗାଇ ତାହାର ଅର୍ଥ ମୋତେ ବୁଝାଇଥିଲେ। ସେତେବେଳେ କୁମ୍ଭାଟୁଆର ଅର୍ଥ ମୁଁ ବୁଝି ନପାରି ମା'ଙ୍କୁ ପଚାରିଥିଲି। ମା' କହିଲେ, 'ତୁମେ ବାପାଙ୍କ ସହିତ ନନ୍ଦନକାନନ ଗଲେ କୁମ୍ଭାଟୁଆକୁ ଦେଖିପାରିବ। ବାପା କହିଲେ, ଠିକ୍ ଅଛି, ଆସନ୍ତା କାଲି ମୋର ଅଫିସ୍ ଛୁଟି ଅଛି, ଦୁହେଁ ମିଶି ନନ୍ଦନକାନନ ଯିବା।' ତା' ପରଦିନ ପୂର୍ବାହ୍ନ ୧୦ଘଣ୍ଟା ସମୟରେ ଶ୍ରାବଣୀ ବାପାଙ୍କ ସହିତ ନନ୍ଦନକାନନ ଗଲେ। ସେଠାରେ ବିଭିନ୍ନ ପ୍ରକାର ପ୍ରାଣୀଙ୍କୁ ଦେଖିସାରିବା ପରେ ସେମାନେ ଆସି ପହଞ୍ଚିଲେ ପକ୍ଷୀ ଉଦ୍ୟାନ ନିକଟରେ। କେତେକ ସୁନ୍ଦର ସୁନ୍ଦର ପକ୍ଷୀକୁ ପଞ୍ଜୁରୀରେ ଦେଖି ଶ୍ରାବଣୀ ଖୁସିରେ ହସି ହସି ତାଳି ମାରୁଥାଏ। ହଠାତ୍ ଗୋଟିଏ କଳା ରଙ୍ଗର ପକ୍ଷୀକୁ ଦେଖି ସେ କହିଲେ ବାପା, କେତେ ସୁନ୍ଦର ଏ କୋଇଲିଟିକୁ ଦେଖ। ବାପା କହିଲେ, ଏଇଟା କୋଇଲି ନୁହେଁ ବରଂ ତୁମେ ଯାହା ବିଷୟରେ ଜାଣିବାକୁ ଆସିଛ ସିଏ ହେଉଛି 'କୁମ୍ଭାଟୁଆ'। ଏହାର ଇଂରାଜୀ ନାମ ଗ୍ରେଟର କୋକଲ। ଏହାର ବୈଜ୍ଞାନିକ ନାମ ସେଣ୍ଟ୍ରୋପସ୍ ସାଇନେନସିସ୍। ଶ୍ରାବଣୀ ପଚାରିଲେ ବାପା ! ଏହି ପକ୍ଷୀ ଆମ ଦେଶର ନା ବିଦେଶର ? ବାପା କହିଲେ, ଏମାନେ ଭାରତ, ବାଂଲାଦେଶ, ମ୍ୟାନ୍‌ମାର, ଶ୍ରୀଲଙ୍କା ଆଦି ଦେଶରେ ଦେଖାଯାନ୍ତି। ଏ ପକ୍ଷୀ ସ୍ଥାନାନ୍ତର ପକ୍ଷୀ ନୁହେଁ, ଏକ ସୀମିତ ଇଲାକାରେ ବାସ କରନ୍ତି। ଏମାନେ ଘଞ୍ଚ ଜଙ୍ଗଲରେ ରହିପାରନ୍ତି ନାହିଁ ବରଂ ଛୋଟଛୋଟ ଗଛ, ଶସ୍ୟକ୍ଷେତ୍ର, ଫଳବଗିଚା ଆଦି ସ୍ଥାନରେ ଦେଖାଯାଆନ୍ତି। ବେଳେବେଳେ ଭୂମି ଉପରେ ଚାଲୁଥିବାର ଦେଖାଯାଏ। ଗଛର ଗୋଟିଏ ଡାଳରୁ ଅନ୍ୟ ଡାଳକୁ ଡେଇଁ ଡେଇଁ ଯାଇଥାଆନ୍ତି । ବେଳେବେଳେ ସୂର୍ଯ୍ୟକିରଣ ପାଇବା ଆଶାରେ ଗଛର ଶୀର୍ଷ ସ୍ଥାନକୁ ଯାଇ ପର ମେଲାଇ ରହନ୍ତି। ଶ୍ରାବଣୀ ପଚାରିଲେ, ବାପା ! ଏମାନଙ୍କ ଶରୀରର ଆକୃତି କିପରି ଓ ଏମାନେ କ'ଣ ଖାଆନ୍ତି ? ବାପା କହିଲେ, କୁମ୍ଭାଟୁଆର ଶରୀରର ଲମ୍ବ ୪୫-୫୦ ସେ.ମି., ଓଜନ ୨୫୦ରୁ ୪୦୦ ଗ୍ରାମ୍, ମୁଣ୍ଡ ଲାଲ ଓ କଳା, ଦେହର ଉପର ଓ ତଳଭାଗ କଳା। ବାଇଗଣୀ ରଙ୍ଗର ପରରେ ଚକ୍ ଚକ୍ ଥାଏ। ଡେଣା ଦୁଇଟି ଛୋଟ, ଗୋଲାକାର ଓ ପିଙ୍ଗଳ ବର୍ଣ୍ଣ, ଲାଞ୍ଜଟି ଲମ୍ବା, ଓସାରିଆ ଏବଂ ଓଜନିଆ ଗୋଡ଼ ଓ ପାଦ ଧୂସର ବର୍ଣ୍ଣ। ଆଖି ଦୁଇଟି ଗାଢ଼ ଲାଲ। ଅଣ୍ଡାଟି ଲମ୍ବା, ମାଈପକ୍ଷୀ ଅଣ୍ଡିରାଠାରୁ ସାମାନ୍ୟ ବଡ଼।



କୁମ୍ଭାଟୁଆ ଫଳ, ମଞ୍ଜି, ଝିଣ୍ଟିକା, ବିଭିନ୍ନ କୀଟପତଙ୍ଗ,ଝିଟିପିଟି, ବିଲରେ ଥିବା ମୂଷା ଛୁଆ, ଛୋଟ ଛୋଟ ସାପଛୁଆ ଆଦି ଖାଇଥାଏ। ଏମାନେ କନିଅର ଫଳ(ଯାହା ବିଷାକ୍ତ)କୁ ମଧ୍ୟ ଖାଇଥାଆନ୍ତି। ଅନ୍ୟ ପକ୍ଷୀମାନଙ୍କର ବସାକୁ ଯାଇ ସେଠାରୁ ଅଣ୍ଡା ଶାବକକୁ ମଧ୍ୟ ଖାଇବାରେ ପଛାଏ ନାହିଁ। ତେଣୁ ଅନ୍ୟ ପକ୍ଷୀଙ୍କର ଏହା ଶତ୍ରୁ ପକ୍ଷୀ । ଶ୍ରାବଣୀ ପଚାରିଲେ, ବାପା ! ଏମାନେ ଅନ୍ୟ ପକ୍ଷୀ ଭଳି ଗଛରେ ବସାବାନ୍ଧନ୍ତି କି ? ବାପା କହିଲେ, ହଁ, ଅଣ୍ଡିରା ପକ୍ଷୀ ଓ ମାଈ ପକ୍ଷୀ ମିଶି ବଡ଼ ଗଛରେ କାଠି, କୁଟା, ଘାସ ସାହାଯ୍ୟରେ ବସା ତିଆରି କରନ୍ତି। ବସାର ଆକୃତି ଗମ୍ବୁଜାକାର ହୋଇଥାଏ। ବେଳେବେଳେ ଭୂମିଠାରୁ ୬ମିଟର ଉଚ୍ଚତାରେ ଥିବା ବୁଦା ଭିତରେ ମଧ୍ୟ ବସା ତିଆରି କରିଥାଏ। ମାଈ ପକ୍ଷୀ ଅଣ୍ଡା ଉପରେ ବସି ରହି ଉଷୁମାଇଲେ ୧୫-୨୫ଦିନ ଭିତରେ ଛୁଆପକ୍ଷୀ ଆସ୍ତେଆସ୍ତେ ବଡ ହୋଇ ଉଡିବାକୁ ଆରମ୍ଭ କରେ। ବାପା କହିଲେ, ଶ୍ରାବଣୀ ! କୁମ୍ଭାଟୁଆକୁ ବିଦେଶରେ ଏକ ଅଶୁଭ ପକ୍ଷୀ ବୋଲି ଗ୍ରହଣ କରାଯାଏ। କିନ୍ତୁ ଆମ ଦେଶରେ ଏକ ଶୁଭସୂଚକ ଭାବେ ଏହାର ରାବ(ଡାକ)କୁ ଗ୍ରହଣ କରାଯାଏ। ଲୋକଙ୍କର ବିଶ୍ୱାସ ଯେ ବାହାରକୁ ଯାତ୍ରା ସମୟରେ ଏହାକୁ ଦେଖିଲେ କିମ୍ବା ଏହାର ରାବ ଶୁଣିଲେ ଯାତ୍ରା ଫଳପ୍ରଦ ହୋଇଥାଏ। ବାପା କହିଲେ, ଶ୍ରାବଣୀ ବର୍ତ୍ତମାନ ସମୟ ହେଲାଣି ଗେଟ୍ ବନ୍ଦ ହେବ, ଚାଲ୍ ଘରକୁ ଫେରିବା।

**-ବିନୋଦ ଚନ୍ଦ୍ର ଜେନା**,ପାରଳାଖେମୁଣ୍ଡି,ଗଜପତି
ମୋ:୭୭୩୫୨୨୨୭୧୩

# ଆ ଇ ନା

**ଭାଗ୍ୟଲକ୍ଷ୍ମୀ ସ୍ୱାଇଁ**
୩ ବର୍ଷ/ଖୋର୍ଦ୍ଧା





**ଅଦ୍ୱିକ୍ ପ୍ରକାଶ ମିଶ୍ର**
୬ ବର୍ଷ/ପୁରୀ